# NATIONAL NEWS BULLETIN (ODIA)

**13 August - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସଂସଦର ଉଭୟ ସଦନ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷିତ ।

\- ଶେଷ ହେଲା ମୌସୁମୀ ଅଧିବେଶନ

- ରାଜ୍ୟସଭାରେ ପାରିତ ହେଲା ଖଣି ଓ ଖଣିଜବିକାଶ ନିୟନ୍ତ୍ରଣ ସଂଶୋଧନ ବିଲ୍ ।

- ୨୦୨୪ ଓ ୨୦୨୫ ବର୍ଷ ପାଇଁ ସଂଗୀତ ନାଟକ ଏକାଡେମୀ ଫେଲୋସିପ୍ ଓ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି ।

- କଲମ୍ବିଆରେ ଆର୍ଥିକ ଜରୁରୀକାଳୀନ ପରିସ୍ଥିତି ଘୋଷିତ ।

\- ଭୂକମ୍ପଜନିତ ମୃତ୍ୟୁସଂଖ୍ୟା ୨୬୫କୁ ବୃଦ୍ଧି ।

ଏବଂ

- ଓଡ଼ିଶା ସମେତ ଛତିଶଗଡ ଏବଂ ପଶ୍ଚିମବଙ୍ଗର ଗାଙ୍ଗେୟ କ୍ଷେତ୍ରରେ ଆଜି ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ଅନୁମାନ କରିଛି ପାଣିପାଗ ବିଭାଗ ।

---

# କଲମ୍ବିଆ ଇକୋନୋମିକ ଏମର୍ଜେନ୍ସି

କଲମ୍ବିଆରେ ଆର୍ଥିକ ଜରୁରୀକାଳୀନ ପରିସ୍ଥିତିର ଘୋଷଣା କରାଯାଇଛି । ଭୂକମ୍ପ ପରବର୍ତ୍ତୀ ସ୍ଥିତିକୁ ଦୃଷ୍ଟିରେ ରଖି ରାଷ୍ଟ୍ରପତି ଆବେଲାର୍ଦୋ ଦେ ଲା ଏସ୍ପ୍ରଏଲା ଏହି ଘୋଷଣା କରିଛନ୍ତି । ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଭୂକମ୍ପରେ ଏପର୍ଯ୍ୟନ୍ତ ଅତି କମ୍‌ରେ ୨୬୫ଜଣଙ୍କ ମୃତ୍ୟୁ ହୋଇଛି । ୩ହଜାର ୪୯୪ଜଣ ଆହତ ହୋଇଥିବା ଜଣାପଡିଛି । ରାଷ୍ଟ୍ରପତି ଏହି ବିପର୍ଯ୍ୟୟକୁ ଏକ ବଡ ଦୁଃଖଦ ଘଟଣା ବୋଲି ବର୍ଣ୍ଣନା କରିବା ସହ ପୁନଃନିର୍ମାଣ କାର୍ଯ୍ୟ ଏବଂ କ୍ଷତିଗ୍ରସ୍ତ ପରିବାରକୁ ସହାୟତା ପ୍ରଦାନ ଜରୁରୀକାଳୀନ ଭିତ୍ତିରେ କରାଯାଉଛି ବୋଲି ସୂଚନା ଦେଇଛନ୍ତି । କଲମ୍ବିଆରେ ଗତ ସୋମବାରଦିନ ୭ ଦଶମିକ ୪ ତୀବ୍ରତା ବିଶିଷ୍ଟ ଭୂକମ୍ପ ଅନୁଭୂତ ହୋଇଥିଲା । ପ୍ରାୟ ୫୪ହଜାର ଲୋକ ଏହାଦ୍ୱାରା ପ୍ରଭାବିତ ହୋଇଥିବା ଜଣାପଡିଛି । ନିଖୋଜ ସଂଖ୍ୟାକୁ ଦୃଷ୍ଟିରେ ରଖିଲେ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବା ନେଇ ଆଶଙ୍କା ରହିଛି ବୋଲି ସ୍ଥାନୀୟ କର୍ତ୍ତୃପକ୍ଷ କହିଛନ୍ତି ।

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଭୂକମ୍ପ ଜନିତ ପରିସ୍ଥିତି ନେଇ ଗଭୀର ଦୁଃଖପ୍ରକାଶ କରିଛନ୍ତି । ତାଙ୍କ ବାର୍ତ୍ତାରେ ଡକ୍ଟର ଜୟଶଙ୍କର ପ୍ରାଣହରାଇଥିବା ଲୋକଙ୍କ ନିକଟ ସମ୍ପର୍କୀୟଙ୍କ ପାଇଁ ସମବେଦନା ଜ୍ଞାପନ କରିବା ସହ ଆହତଙ୍କ ଆଶୁଆରୋଗ୍ୟ କାମନା କରିଛନ୍ତି । କଲମ୍ବିଆକୁ ଭାରତ ସମସ୍ତ ପ୍ରକାର ସମ୍ଭାବ୍ୟ ସହାୟତା ଯୋଗାଇ ଦେବାକୁ ପ୍ରସ୍ତୁତ ଅଛି ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି ।

## ଏଲ୍‌ଏସ୍‌-ସାଇନ୍‌ଡାଏ

ସଂସଦର ଉଭୟ ସଦନ ଅନିର୍ଦ୍ଧିଷ୍ଟ କାଳ ପାଇଁ ମୁଲତବୀ ଘୋଷିତ ହୋଇଛି । ଗତମାସ ୨୦ ତାରିଖରେ ଆରମ୍ଭ ହୋଇଥିବା ସଂସଦର ମୌସୁମୀ ଅଧିବେଶନ ୨୫ ଦିନ ଧରି ଅନୁଷ୍ଠିତ ହୋଇଛି । ଏଥିରେ ୧୯ଟି ବୈଠକ ଅନୁଷ୍ଠିତ ହେବା ସହ କେତେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପରେ ଆଲୋଚନା ଏବଂ ପରେ ପାରିତ ହୋଇଛି । ସେଗୁଡ଼ିକ ମଧ୍ୟରେ ସାର୍ବଜନୀନ ପରୀକ୍ଷା, ଅସାଧୁ ଉପାୟ ନିବାରଣ ସଂଶୋଧନ ବିଲ୍, ଜାତୀୟ ସମ୍ମାନର ଅପମାନ ନିବାରଣ ସଂଶୋଧନ ବିଲ୍, ଟ୍ରିବ୍ୟୁନାଲ ସଂସ୍କାର ବିଲ୍, ଜାତୀୟ ସମବାୟ ବିକାଶ ନିଗମ ସଂଶୋଧନ ବିଲ୍, କେରଳ ନାମ ପରିବର୍ତ୍ତନ ବିଲ୍ ଆଦି ଅନ୍ତର୍ଭୁକ୍ତ । ନିଟ୍ ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଛାତ୍ର ପ୍ରତିବାଦକାରୀଙ୍କ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ, ଅଯୋଧ୍ୟା ରାମମନ୍ଦିର ଦାନ ଅର୍ଥ ଅନିୟମିତତା ଆଦି ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଅଧିବେଶନ କାର୍ଯ୍ୟରେ ବାରମ୍ବାର ବାଧା ସୃଷ୍ଟି ହୋଇଥିଲା ।

ରାଜ୍ୟସଭା ଅଧ୍ୟକ୍ଷ ସି.ପି. ରାଧାକୃଷ୍ଣନ ଅଧିବେଶନ ଶେଷ ପୂର୍ବରୁ ତାଙ୍କ ବକ୍ତବ୍ୟରେ ବାରମ୍ବାର ଗୃହ ମୁଲତବୀ ହେବା ନେଇ ଚିନ୍ତାପ୍ରକଟ କରିଛନ୍ତି । ଗୃହର ସଦସ୍ୟ ଲୋକଙ୍କ କଥା ଉଠାଇବାରେ ସୁଯୋଗର ସଠିକ୍ ବ୍ୟବହାର କରିନାହାନ୍ତି ବୋଲି ସେ କହିଛନ୍ତି । ତଥାପି ରାଜ୍ୟସଭା ଅଧିବେଶନ କାଳରେ ୧୨ଟି ବିଲ୍ ପାରିତ ହୋଇଛି । ମୌସୁମୀ ଅଧିବେଶନରେ ରାଜ୍ୟସଭା ୩୭ଘଣ୍ଟା ୪୯ ମିନିଟ୍ ପାଇଁ କାର୍ଯ୍ୟ କରିଥିଲା । ଫଳରେ ଏହାର ଉତ୍ପାଦକତା ୩୯ ଦଶମିକ ୧/୭ ପ୍ରତିଶତ ହୋଇଛି ବୋଲି ଶ୍ରୀ ରାଧାକୃଷ୍ଣନ କହିଛନ୍ତି ।

# ଆର୍‌ଏସ୍‌-ମାଇନ୍‌ସ ଆଣ୍ଡ ମିନେରାଲ୍‌ସ

ଖଣି ଓ ଖଣିଜ ବିକାଶ ଏବଂ ନିୟନ୍ତ୍ରଣ ସଂଶୋଧନ ବିଲ୍ ଆଜି ରାଜ୍ୟସଭାରେ ପାରିତ ହୋଇଛି । ପୂର୍ବାହ୍ନ ୧୧ଟାରେ ଆଜି ଗୃହର ବୈଠକ ଆରମ୍ଭ ହେବା ପରେ କୋଇଲା ଓ ଖଣିମନ୍ତ୍ରୀ ଜି. କିଶନ ରେଡ୍ଡୀ ଏହି ବିଲ୍‌କୁ ଗୃହରେ ଆଗତ କରିଥିଲେ । ପ୍ରଚଳିତ ଖଣି ଏବଂ ଖଣିବିକାଶ ଓ ନିୟନ୍ତ୍ରଣ ଆଇନ୍ ୧୯୫୭ରେ କେତେକ ସଂଶୋଧନ ନେଇ ଏଥିରେ ପ୍ରସ୍ତାବ ରହିଛି । ଦେଶରେ ଖଣିକ୍ଷେତ୍ରକୁ ଅଧିକ ଦକ୍ଷ, ନିବେଶ ଅନୁକୂଳ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜପଦାର୍ଥର ବୃଦ୍ଧିପାଉଥିବା ଚାହିଦା ପୂରଣ କ୍ଷେତ୍ରରେ ଏହି ବିଲ୍ ସହାୟକ ହେବ ବୋଲି ଆଶା କରାଯାଉଛି । ବିଲ୍ ଆଲୋଚନାର ଉତ୍ତର ଦେଇ ମନ୍ତ୍ରୀ ଶ୍ରୀ ରେଡ୍ଡୀ କହିଛନ୍ତି ଖଣିଜ ସମ୍ପଦ ଗୁଡ଼ିକର ସଠିକ୍ ପରିଚାଳନା ଉପରେ ଧ୍ୟାନ କେନ୍ଦ୍ରୀଭୂତ କରୁଛନ୍ତି । ଏ କ୍ଷେତ୍ରରେ ସ୍ୱଚ୍ଛତାକୁ ସୁନିଶ୍ଚିତ କରିବା ପାଇଁ ନିଲାମ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି । ପୂର୍ବ ସରକାରଙ୍କ ଅମଳରେ ପରିଚାଳନାଗତ ଅଭାବ ଯୋଗୁଁ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଏହାର ସୁଫଳ ପାଉଥିଲେ ବୋଲି ମନ୍ତ୍ରୀ ଶ୍ରୀ ରେଡ୍ଡୀ ଅଭିଯୋଗ କରିଛନ୍ତି । ସେ କହିଛନ୍ତି ଗତ ୧୨ବର୍ଷ ମଧ୍ୟରେ ଦେଶରେ କୋଇଲା ଉତ୍ପାଦନ ସର୍ବାଧିକ ହୋଇଛି । ଦେଶବ୍ୟାପୀ ଅତିରିକ୍ତ ବିଦ୍ୟୁତ୍ ଉତ୍ପାଦନ ବ୍ୟବସ୍ଥା ଜାରି ରହିଛି । ଏହାର ୭୩ ପ୍ରତିଶତ କୋଇଲା ଆଧାରିତ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ଉତ୍ପାଦିତ ହୋଇଛି ବୋଲି ସେ କହିଛନ୍ତି ।

ଶ୍ରୀ ରେଡ୍ଡୀ କହିଛନ୍ତି ୨୦୧୪-୧୫ ମସିହାରେ ରାଜ୍ୟ ସରକାରଗୁଡ଼ିକୁ ଖଣିଜ ରାଜସ୍ୱ ବାବଦରେ ୬୫ ପ୍ରତିଶତ ପ୍ରଦାନ କରାଯାଉଥିବାବେଳେ

ନରେନ୍ଦ୍ର ମୋଦୀଙ୍କ ସରକାର ଅଧୀନରେ ଏହା ୮୫ ପ୍ରତିଶତକୁ ବୃଦ୍ଧି ପାଇଛି । ଏହି ବୃଦ୍ଧି ମାଧ୍ୟମରେ ସରକାର ରାଜ୍ୟଗୁଡ଼ିକ ସହିତ ଅଧିକ ରାଜସ୍ୱ ବଣ୍ଟନକୁ ସୁନିଶ୍ଚିତ କରୁଛନ୍ତି ବୋଲି ଶ୍ରୀ ରେଡ୍ଡୀ କହିଛନ୍ତି । ଆଲୋଚନରେ ବିଭିନ୍ନ ଦଳର ସଦସ୍ୟ ଅଂଶଗ୍ରହଣ କରିଥିଲେ ।

# କିରେଣ ରିଜିଜୁ

ମୌସୁମୀ ଅଧିବେଶନ କାଳରେ ବିରୋଧୀଦଳ ଆଲୋଚନାଠାରୁ ଦୂରେଇ ରହୁଥିଲେ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେଣ ରିଜିଜୁ ଅଭିଯୋଗ କରିଛନ୍ତି । ସେ କହିଛନ୍ତି ସରକାର ପ୍ରତ୍ୟେକ ଆଲୋଚନା ପାଇଁ ପ୍ରସ୍ତୁତ ଥିଲେ ମଧ୍ୟ ବିରୋଧୀଦଳ ସଦସ୍ୟ ଏଥିରେ ସହଯୋଗ ପ୍ରଦାନ କରିନଥିଲେ । ଏଭଳି ଆଚରଣ ଗଣତନ୍ତ୍ର ତଥା ସଂସଦୀୟ ବ୍ୟବସ୍ଥାର ପରିପନ୍ଥୀ ବୋଲି ସେ ଅଭିଯୋଗ କରିଛନ୍ତି । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀ ରିଜିଜୁ କହିଛନ୍ତି ବାରମ୍ବାର ସ୍ଲୋଗାନ ତଥା ବାଧାସୃଷ୍ଟି ଯୋଗୁଁ ସଦନର କାର୍ଯ୍ୟ ପ୍ରଭାବିତ ହୋଇଛି । ଅଧିବେଶନ କାଳରେ ଲୋକସଭାର ଉତ୍ପାଦକତା ୧୯ ପ୍ରତିଶତ ରହିଥିଲା ବୋଲି ସେ କହିଛନ୍ତି ।

**V/O (Kiren Rijiju)**

# ଅନୁପ୍ରିୟା-ଅପୋଜିସନ

ସଂସଦ କାର୍ଯ୍ୟରେ ବାରମ୍ବାର ବାଧାସୃଷ୍ଟି କରିଥିବାରୁ କେନ୍ଦ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ ବିରୋଧୀ ସଦସ୍ୟଙ୍କୁ ସମାଲୋଚନା କରିଛନ୍ତି । ଏଭଳି ଆଚରଣ ଗଣତାନ୍ତ୍ରିକ ଏବଂ ସଂସଦୀୟ ପରମ୍ପରା ପ୍ରତି ଅସମ୍ମାନ ବୋଲି ସେ

ଅଭିଯୋଗ କରିଛନ୍ତି । ସଂସଦ ପରିସରରେ ଆକାଶବାଣୀ ସମ୍ବାଦ ବିଭାଗ ସହ ଆଲୋଚନା କାଳରେ ମନ୍ତ୍ରୀ ଶ୍ରୀମତୀ ପଟେଲ କହିଛନ୍ତି ବିରୋଧୀଙ୍କ ଏଭଳି ଆଚରଣ ସମଗ୍ର ଦେଶବାସୀ ଦେଖିଛନ୍ତି । ବିରୋଧୀ ସଦସ୍ୟ ଗଣତନ୍ତ୍ର କିମ୍ବା ସଂସଦୀୟ ପରମ୍ପରା ଉପରେ ବିଶ୍ବାସ ରଖନ୍ତି ନାହିଁ ବୋଲି ସେ ଅଭିଯୋଗ କରିଛନ୍ତି ।

---

## ପ୍ରେସିଡେଣ୍ଟ–ସଙ୍ଗୀତ ନାଟକ ଏକାଡେମୀ

ଦେଶର ସମୃଦ୍ଧ ଲୋକସଂସ୍କୃତିକୁ ସଂରକ୍ଷଣ କରି ରଖିବାରେ କଳାକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆଜି ୨୦୨୪ ଏବଂ ୨୦୨୫ ବର୍ଷ ପାଇଁ ସଂଗୀତ ନାଟକ ଏକାଡେମୀ ଫେଲୋସିପ୍ ଓ ପୁରସ୍କାର ପ୍ରଦାନ କରିବା ଅବସରରେ ରାଷ୍ଟ୍ରପତି ଏହା କହିଛନ୍ତି । ସମାରୋହରେ ୧୦୦ରୁ ଅଧିକ କଳାକାରଙ୍କୁ ରାଷ୍ଟ୍ରପତି ଫେଲୋସିପ୍ ଏବଂ ପୁରସ୍କାର ପ୍ରଦାନ କରିଛନ୍ତି । ରାଷ୍ଟ୍ରପତି କହିଛନ୍ତି ପୁରସ୍କାରପ୍ରାପ୍ତ କଳାକାର ଆଧୁନିକ ଭାରତର ପ୍ରତିଭା ଏବଂ କଳା କ୍ଷେତ୍ରର ସମର୍ପଣ ଭାବକୁ ପ୍ରତିଫଳନ କରୁଛନ୍ତି । ସେ କହିଛନ୍ତି ସଂଗୀତ ଏବଂ ନୃତ୍ୟ ପ୍ରତ୍ୟେକର ବିଭିନ୍ନ ଶୈଳୀ ରହିଛି ଏବଂ ଲୋକନାଟ୍ୟଶାଳାର ମଧ୍ୟ ଅଗଣିତ ରୂପ ଦେଶର ସାଂସ୍କୃତି ବୈଭବକୁ ଉନ୍ନତ କରିଛି ।

**V/O (President)**

ଦେଶର ବିଭିନ୍ନ ପ୍ରାନ୍ତରୁ ଫେଲୋସିପ୍ ତଥା ପୁରସ୍କାର ପାଇଁ କଳାକାର ମନୋନୀତ ହୋଇଥିଲେ । ଫେଲୋସିପ୍ ବାବଦରେ ୩ ଲକ୍ଷ ଟଙ୍କା ଏବଂ ଏକାଡେମୀ ପୁରସ୍କାର ବାବଦରେ ତାମ୍ରପତ୍ର ଓ ଅଙ୍ଗବସ୍ତ୍ର ସହିତ ଏକ ଲକ୍ଷ

ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି ବୋଲି ସଂସ୍କୃତି ମନ୍ତ୍ରଣାଳୟ କହିଛି ।

---

## ସେଠ୍ ଝାଡ଼ଖଣ୍ଡ

ଝାଡ଼ଖଣ୍ଡରେ ନିଯୁକ୍ତି ଅନିୟମିତତା ଅଭିଯୋଗରେ ଛାତ୍ର ପ୍ରତିବାଦ ଆଜି ୨୦ ଦିନରେ ପହଞ୍ଚିଛି । ସିବିଆଇ ତଦନ୍ତ ଦାବିକରି ରାଞ୍ଚିର ଜୟପାଲସିଂହ ମୁଣ୍ଡା ଷ୍ଟାଡିୟମଠାରେ ଛାତ୍ର ଆନ୍ଦୋଳନ ଜାରି ରହିଛି । ଦାବି ପୂରଣ ନ ହେବା ଯାଏଁ ଆନ୍ଦୋଳନ ଜାରି ରହିବା ସହ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିବା ନେଇ ପ୍ରତିବାଦକାରୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି । ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡାକଡି କରାଯାଇଛି ।

ଅନ୍ୟପକ୍ଷରେ ବିଜେପି ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ରଘୁବର ଦାସ ପ୍ରତିବାଦକାରୀ ଛାତ୍ରଙ୍କ ଦାବିକୁ ଯଥାର୍ଥ ବୋଲି ବର୍ଣ୍ଣନା କରିଛନ୍ତି । ସପ୍ତାହକ ମଧ୍ୟରେ ରାଜ୍ୟ ନିଯୁକ୍ତି ପରୀକ୍ଷା ନେଇ ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେବାକୁ ଶ୍ରୀ ଦାସ ଦାବିକରିଛନ୍ତି । ତେବେ ସରକାର ଏ ନେଇ କୌଣସି ପଦକ୍ଷେପ ଗ୍ରହଣ ନ କଲେ ଛାତ୍ରଙ୍କ ସମର୍ଥନରେ ସେ ଅନଶନରେ ବସିବେ ବୋଲି ଘୋଷଣା କରିଛନ୍ତି ।

ଏହି ପ୍ରସଙ୍ଗରେ ଆଜି ସଂସଦର ମକରଦ୍ୱାର ନିକଟରେ ଏନ୍‌ଡିଏ ସାଂସଦ ପ୍ରତିବାଦ ପ୍ରଦର୍ଶନ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ସଞ୍ଜୟ ସେଠ୍ କହିଛନ୍ତି ଝାଡ଼ଖଣ୍ଡରେ ପ୍ରାୟ ୬୦୦ ପ୍ରତିବାଦକାରୀ ଛାତ୍ରଙ୍କ ବିରୋଧରେ ଏଫ୍‌ଆଇଆର୍ ରୁଜୁ ହୋଇଛି । ଏହି ମାମଲାରେ ସିବିଆଇ ତଦନ୍ତ ଦାବିକୁ ସେ ସମର୍ଥନ କରିଛନ୍ତି ।

**V/O (Sanjaya Seth)**

---

# ଆଇଏମ୍‌ଡି ଓ୍ୱେଦର

ଓଡ଼ିଶା ସମେତ ଛତିଶଗଡ ଏବଂ ପଶ୍ଚିମବଙ୍ଗର ଗାଙ୍ଗେୟ କ୍ଷେତ୍ରରେ ଆଜି ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ଅନୁମାନ କରିଛି ପାଣିପାଗ ବିଭାଗ । ଆସନ୍ତା କାଲି ପର୍ଯ୍ୟନ୍ତ ଉତ୍ତର ପୂର୍ବାଞ୍ଚଳ, ମଧ୍ୟପ୍ରଦେଶ, ମାହେ, କେରଳମ୍, ଗୋଆ, କୋଙ୍କଣ, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ ଏବଂ ହିମାଚଳ ପ୍ରଦେଶରେ ପ୍ରବଳ ବର୍ଷା ହୋଇପାରେ । ଓଡ଼ିଶା ସମେତ ଜାମ୍ମୁ-କାଶ୍ମୀର, ରାଜସ୍ଥାନ, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଏବଂ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପାଣିପାଗ ବିଭାଗ ଆକଳନ କରିଛି । ଆସନ୍ତାକାଲି ପର୍ଯ୍ୟନ୍ତ ତାମିଲନାଡୁ, ପୁଡୁଚେରୀ, କରେଇକାଲ, ଛତିଶଗଡ, ବିଦର୍ଭ ଏବଂ ତେଲେଙ୍ଗାନାରେ ମଧ୍ୟ ଅନୁରୂପ ପାଗ ଅନୁଭୂତ ହେବ ବୋଲି ବିଭାଗ କହିଛି ।